ତହସିଲଦାରଙ୍କ କାର୍ଯ୍ୟାଳୟ,କ. ବାଲିଗୁଡା

ପତ୍ର ସଂଖ୍ୟା- ୨୭୩୨ ତା- ୨୨/୦୭/୨୦୨୨

ବିଜ୍ଞାପନ

<u>ଲଘୁ ଖଣିଜ ଦ୍ରବ୍ୟର ଦୀର୍ଘମିଆଦି ଲିଜ ନିମନ୍ତେ</u>

ଏତଦ୍ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ,ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ କନ୍ଧମାଳ ଜିଲ୍ଲା ତହସିଲ,ବାଲିଗୁଡା ଅନ୍ତର୍ଗତ କଟାରିସାହି ବାଲିଗୁଡା ବିଜ୍ଞାପିତ ଅଞ୍ଚଳପରିଷଦ ବାଲିଘାଟ ଏବଂ ଇର୍ପିଗୁଡା ପଥରଖଣି ଲଘୁ ଖଣିଜ ଉତ୍ସ ର ଆସନ୍ତା ୫ବର୍ଷ ଅର୍ଥାତ ଚୁକ୍ତିପତ୍ର(Execution of Lease deed) ସମ୍ପାଦନ କରିବା ଦିନଠାରୁ ଦୀର୍ଘ ମିଆଦି ଲିଜ ପାଇଁ ତହସିଲଦାର,ବାଲିଗୁଡାଙ୍କ ଦ୍ୱାରା ୧୨.୦୮.୨୦୨୨ ରିଖ ଅପରାହ୍ନ ୦୪ ଘଟିକା ସମୟରେ ଯଥା କ୍ରମେ ପ୍ରଥମ ପର୍ଯ୍ୟାୟ ,ଦ୍ୱିତୀୟ ପର୍ଯ୍ୟାୟ,ତୃତୀୟ ପର୍ଯ୍ୟାୟ ନିଲାମ କରାଯିବ।

ଏହି ସଇରାତ ଉତ୍ସ ଗୁଡିକର ଲିଜ ସମ୍ବନ୍ଧୀୟ ସମସ୍ତ ତଥ୍ୟ ଓ ସର୍ତ୍ତାବଳୀ ଇତ୍ୟାଦିର ସବିଶେଷ ସୂଚନା ତହସିଲ କାର୍ଯ୍ୟାଳୟ,ବାଲିଗୁଡା ( ଛୁଟି ଦିନ ବ୍ୟତିତ)ସମସ୍ତ କାର୍ଯ୍ୟ ଦିବସରେ ଉପଲବ୍ଧ ହେବ ଏବଂ ଜିଲ୍ଲା ୱେବସାଇଟ www.Kandhamal.nic.in ରେ ଉପଲବ୍ଧ ଅଛି। ଲିଜ ଗ୍ରହଣ କରିବା ପାଇଁ ଦରଖାସ୍ତ ଗୁଡିକ ରେଜିଷ୍ଟ୍ରୀ / ସ୍ପୀଡ ପୋଷ୍ଟ ମାଧମରେ ଯଥା କ୍ରମେ ୧୨.୦୮.୨୦୨୨ ରିଖ ଅପରାହ୍ନ ୦୩ ଘଟିକା ପୂର୍ବରୁ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ। ଧାର୍ଯ୍ୟ ତାରିଖ ଓ ସମୟ ପରେ ପ୍ରାପ୍ତି ହୋଇଥିବା ଦରଖାସ୍ତ ଗୁଡିକ ଗ୍ରହଣ ଯୋଗ୍ୟ ହେବ ନାହିଁ। ବିନା କାରଣ ଦର୍ଶାଇ ନିଲାମ ବାତିଲ କରିବାର ଅଧିକାର କର୍ତ୍ତୃପକ୍ଷ ଙ୍କ ପାଖରେ ରହିଅଛି।

ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି।

(ସ୍ୱାକ୍ଷର) ୨୨/୭/୨୦୨୨
ତହସିଲଦାର,ବାଲିଗୁଡା
ତହସିଲଦାର,
ବାଲିଗୁଡା

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାଲିଗୁଡା

ବିଜ୍ଞପ୍ତି ସଂଖ୍ୟା-୨୭୩୬ତା- ୨୪/୦୭/୨୦୨୨.

ଲଘୁ ଖଣିଜ ଦ୍ରବ୍ୟର ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

( ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ -୨୦୧୬/ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ସଂଶୋଧନ ନିୟମାବଳୀ ୨୦୧୬ , ୨୦୧୮ ଓ ୨୦୨୨ ଅନୁଯାଇ)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବାଲିଗୁଡା ତହସିଲ ଅନ୍ତର୍ଗତ' ସୂଚିରେ ପ୍ରଦତ୍ତ Annexure-I ନିମ୍ନ ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସକୁ ୫(ପାଞ୍ଚ) ବର୍ଷ ଅର୍ଥାତ ଚୁକ୍ତିପତ୍ର (Execution of Lease Deed) ସମ୍ପାଦନ କରିବା ଦିନଠାରୁ ଦୀର୍ଘମିଆଦି ଲିଜ ସୂତ୍ରେ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ଇଚ୍ଛୁକ ବ୍ୟକ୍ତି ମାନେ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ନିୟମାବଳୀ-୨୦୧୬ (Odisha Minor Mineral Concession Rules-2016) Rule-27 (4) ରେ ବର୍ଣ୍ଣିତ ଫର୍ମ-M ପୂରଣ କରି ଏହାର ତିନି କପି ସହିତ ନିମ୍ନଲିଖିତ ଅବଶ୍ୟକୀୟ କାଗଜାତ/ଦଲିଲ ସଂଲଗ୍ନ କରି ଦାଖଲ କରିବେ ।

୧. ଦରଖାସ୍ତ ଫି ବାବଦକୁ ଟ. ୧୦୦୦/-(ଏକ ହଜାର) ଟଙ୍କାର ଟ୍ରେଜେରି ଚାଲାଣ (Head of Account-0853-Non-ferrous Mining and Metallurgical Industries-102-Mineral concession fees, Rents & Royalties) ରେ ଦାଖଲ କରି ଏହାର ପ୍ରତିଲିପି ପ୍ରଦାନ କରିବେ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ ।

୨. ଆବେଦନ କରିଥିବା ଲିଜ ର ସମ୍ପୂର୍ଣ୍ଣ ବିବରଣୀ ଦାଖଲ କରିବେ ।

୩. ଦରଖାସ୍ତକାରୀ ଙ୍କ ନାମରେ ଉପରୋକ୍ତ ନିୟମାବଳୀ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ସଂଲଗ୍ନ କରିବେ ।

୪. ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ଆବେଦନକାରୀ ଅଠର ମାସ ( Eighteen Months) ପାଇଁ ବୈଧ ଥିବା ବ୍ୟାଙ୍କ ପ୍ରତ୍ୟାଭୂତି (Bank Guarantee) କିମ୍ବା ସମାନ ଅର୍ଥ ପରିମାଣର ପୂର୍ବ ଆର୍ଥିକ ବର୍ଷର Income Tax Return of previous Financial Year କିମ୍ବା ସମାନ ଅର୍ଥ ପରିମାଣର ସଲଭେନ୍ସି ସାର୍ଟିଫିକେଟ ନିମ୍ନୋକ୍ତ ଅର୍ଥରାଶି ର ତହସିଲଦାର,ବାଲିଗୁଡାଙ୍କ ସପକ୍ଷରେ ପ୍ରଦାନ କରିବେ ।

**"( ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ପରିମାଣ (Minimum Guaranteed Quantity) X ପ୍ରଦାନ କରାଯାଇଥିବା ଅତିରିକ୍ତ ଚାର୍ଜ**

**( offered Additional Charge) + ଦେୟ ପ୍ରଦାନ କରାଯାଉଥିବା ରୟାଲଟି (Rate of Royalty)"**

୫. ଏକ ବର୍ଷ ରେ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଧାରିତ ଅତିରିକ୍ତ ଦେୟ(Additional Charge) ଓ ରୟାଲଟି ( Royalty) ର ଶତକଡା ୫ %(ଭାଗ)ର EMD ( Earnest Money Deposit) ତହସିଲଦାର,ବାଲିଗୁଡା ସପକ୍ଷରେ ଡିମାଣ୍ଡ ବ୍ୟାଙ୍କ ଡ୍ରାଫ୍ଟ (Bank Draft) ଦରଖାସ୍ତ ସହ ସଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ନାହିଁ ।

୬. ଅନ୍ୟାନ୍ୟ ଆବଶ୍ୟକୀୟ ତଥ୍ୟ ତଥା ବୈଷୟିକ ଜ୍ଞାନ ଅଭିଜ୍ଞତା, ଦକ୍ଷତା, ଆର୍ଥିକ ସ୍ଥିତି ଓ ପାଖରେ ଥିବା ଯନ୍ତ୍ର ସମୂହ ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିବେ ।

୭. GST Registration Certificate ଓ ଚଳିତ ବର୍ଷର GST Clearance ସାର୍ଟିଫିକେଟର ନକଲ ଏବଂ ଆବେଦନକାରୀଙ୍କ Aadhar Card ଓ PAN Card ର ନକଲ ଦାଖଲ କରିବା ବାଧ୍ୟତାମୂଳକ ଅଟେ ।

ଯଦି ଉକ୍ତ ସଇରାତ ଉତ୍ସ ପାଇଁ ଏକକ ଦରଖାସ୍ତ ପ୍ରାପ୍ତ ହୋଇଥାଏ, ତେବେ ଏହି ଦରଖାସ୍ତଟିକୁ ଖୋଲା ନଯାଇ ପରବର୍ତ୍ତି ଧାର୍ଯ୍ୟ ତାରିଖ ପର୍ଯ୍ୟନ୍ତ ଏକ ରୁ ଅଧିକ ଦରଖାସ୍ତ ଗ୍ରହଣ ପାଇଁ ଅପେକ୍ଷା କରାଯିବ ।ଯଦି ,ନିର୍ଦ୍ଧାରିତ ଶେଷ ତାରିଖ ସୁଦ୍ଧା ଏକକ ଦରଖାସ୍ତ ବ୍ୟତିତ ସେହି ଉତ୍ସ ପାଇଁ ଆଉ କୌଣସି ଦରଖାସ୍ତ ଆବେଦନ ହୋଇନଥାଏ, ତେବେ ସେହି ଏକକ ଦରଖାସ୍ତ ଟିକୁ ଶେଷ ତାରିଖରେ ଖୋଲାଯିବ ।

**ଠିକଣା**

**ତହସିଲଦାରଙ୍କ କାର୍ଯ୍ୟଳୟ,ବାଲିଗୁଡା**
**ଗ୍ରାମ/ପୋଷ୍ଟ/ଥାନା - ବାଲିଗୁଡା, ଜିଲ୍ଲା-କନ୍ଧମାଳ (ଓଡିଶା)**
**ପିନ-୭୬୨୧୦୩**

**ସର୍ତ୍ତାବଳୀ**

୦୧. ଆବେଦନକାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ୨୦୧୬ ଓ ୨୦୨୨(Amendment) ର ପରିସର ଭୁକ୍ତ ହେବେ ।

୦୨. ନିଲାମଧାରୀ Mines Act ୧୯୫୨ ଓ Explosive Act ୧୯୮୪ ର ସମସ୍ତ ନିୟମ ଓ ନୀୟମାବଳୀର ଅନ୍ତର୍ଭୁକ୍ତ ହେବେ ।

୦୩. ଆବେଦିତ ଦରଖାସ୍ତକାରୀ ମାନଙ୍କ ମଧ୍ୟରେ ସର୍ବାଧିକ ଅତିରିକ୍ତ ଦେୟ (Additional Charge ) ଦର୍ଶାଇଥିବା ଆବେଦନ ପତ୍ର କୁ ଯୋଗ୍ୟ ବିବେଚିତ କରାଯିବ।

୦୪. ସର୍ବୋଚ୍ଚ Additional Charge ଦର୍ଶାଇଥିବା ଆବେଦନକାରୀ ଲିଜ ନ ନେଲେ ତତ ପରବର୍ତ୍ତୀ ସର୍ବୋଚ୍ଚ ଆବେଦନକାରୀଙ୍କୁ ଲିଜ ନେବାର ସୁଯୋଗ ଦିଆଯିବ । ଯଦି ସମ୍ପୃକ୍ତ ସଇରାତ ଉତ୍ସ ନିମନ୍ତେ ଏକାଧିକ ଆବେଦନକାରୀ ରୟାଲଟି ଉପରେ ସମାନ ମୂଲ୍ୟରେ ଅତିରିକ୍ତ ଦେୟ ଦର୍ଶାଇ ଥାନ୍ତି, ତେବେ ତାହା ଧର୍ମଗୋଳା (ଲଟେରୀ) ମାଧ୍ୟମରେ (by Draw of Lots)ଯୋଗ୍ୟ ନିଲାମଧାରୀ ଚୟନ କରାଯିବ ।

୦୫. ଯଦି କୌଣସି ଦରଖାସ୍ତକାରୀ ଆବଶ୍ୟକୀୟ କାଗଜାତ ନ ଦେଇ କିମ୍ବା ପ୍ରଚଳିତ Additional Charge ଧାର୍ଯ୍ୟ ଦରଠାରୁ କମ୍ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କ M ଫର୍ମ ଖାରଜ କରିଦିଆଯିବ ତଥା ଅସମ୍ପୂର୍ଣ୍ଣ ଦରଖାସ୍ତ ଗ୍ରହଣଯୋଗ୍ୟ ହେବନାହିଁ ।

୦୬. ପ୍ରଚଳିତ ନିୟମ ଅନୁଯାଇ ଲିଜଧାରୀ ସରକାରଙ୍କ ଦ୍ଵାରା ଧାର୍ଯ୍ୟ ଦେୟ ପଇଠ କରିବା ପାଇଁ ବାଧ ହେବେ ।

୦୭. ସର୍ବୋଚ୍ଚ Additional Charge ଦର୍ଶାଇଥିବା ଆବେଦନକାରୀ ବ୍ୟକ୍ତି ଲିଜ ଗ୍ରହଣ ନ କଲେ ତାଙ୍କର ଜମାରାଶି ବାଜ୍ୟାପ୍ତି କରାଯିବ ଓ ୨ ୟ ସର୍ବୋଚ୍ଚ Additional Charge ଦର୍ଶାଇଥିବା ଆବେଦନକାରୀ ବ୍ୟକ୍ତିଙ୍କୁ ଲିଜ ଗ୍ରହଣ କରିବା ପାଇଁ ସୁଯୋଗ ଦିଆଯିବ ।

୦୮. ଯଦି ଦ୍ଵିତୀୟ ସର୍ବାଧିକ ନିଲାମଧାରୀ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ସ୍ୱୀକୃତି ନଦିଅନ୍ତି କିମ୍ବା ନିୟନ୍ତ୍ରଣ ପ୍ରାଧିକାରୀ ନିଲାମକୁ sub-Rule-୧୦ Rule- ୨୭ of OMMC Rules -2016 ବଳରେ ନାକଚ କରନ୍ତି,ତେବେ ସାନି ନିଲାମ ର ଆବେଦନ ପତ୍ର ବିଜ୍ଞପ୍ତି ପ୍ରକାଶ କରିବା ପାଇଁ ପରବର୍ତ୍ତୀ ଉଚ୍ଚ ପ୍ରାଧିକାରୀଙ୍କ ଅନୁମୋଦନ ପରେ ଜାରି କରାଯିବ।

୦୯. ଲିଜ ମଞ୍ଜୁରୀପରେ ଲିଜଧାରୀ ମାଇନିଙ୍ଗ ପ୍ଲାନ ପ୍ରସ୍ତୁତି ପାଇଁ ଆବଶ୍ୟକ ଅର୍ଥ ଦାଖଲ କରିବେ । ଲିଜରାଶି + Additional Charge + DMF ର ରାଶି ସହିତ ୨୫% ଅମାନତ ଆକାରରେ ଜମା କରିବେ ।

୧୦. ଲିଜ ଅବଧି ମଧରେ ଲିଜଧାରୀ ଲିଜ ସମ୍ପର୍କୀୟ ସର୍ତ୍ତାବଳୀର ଉଲଂଘନ କଲେ ତାଙ୍କର ଲିଜ ରଦ୍ଧ କରାଯିବ। ସଙ୍ଗେ ସଙ୍ଗେ ଜମାରାଶିକୁ ବାଜ୍ୟାପ୍ତି ହେବ ।

୧୧. ଜମା ରୟାଲଟି ରାଶିର (୨%) ଲିଜଧାରୀ T.C.S ବାବଦକୁ ନଗଦ ଆକାରରେ ଜମା କରିବେ ଏବଂ ଲିଜଧାରୀ ରୟାଲଟିରାଶିର ୫% EMF ଓ ୧୦% ଲିଜରାଶି (DMFT) ପାଇଁ ଜମା କରିବେ ।

୧୨. ଲିଜଧାରୀ ଲିଜ ରାଶିର ୫% (Environmental Management Fund) ଆକାରରେ ଦାଖଲ କରିବା ପାଇଁ ବାଧ ହେବେ ।

୧୩. ଜିଲ୍ଲାପାଳ ତଥା Conservator of Forest ଉପଯୁକ୍ତ କାରଣ ଦର୍ଶାଇ ଲିଜକୁ ରଦ୍ଦ କରିବାର ସମସ୍ତ କ୍ଷମତା ରଖନ୍ତି ।

୧୪. ସଇରାତ ଉତ୍ସ ଓ ନିଲାମ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳୀ ଉକ୍ତ ତହସିଲ କାର୍ଯ୍ୟାଳୟରେ ଛୁଟି ଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ମିଳିପାରିବ ଓ ଏହି ସମ୍ବନ୍ଧୀୟ ସଂପୂର୍ଣ୍ଣ ସର୍ତ୍ତାବଳୀ www.kandhamal.nic.in ରେ ଉପଲବ୍ଧ ହେବ ।

୧୫. ଲିଜଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି) ନିୟମ ୨୦୧୬,ଓ OMMC (Amendment) Rules,2018 & 2022 ତଥା ସମସ୍ତ ସଂଶୋଧିତ ନିୟମ, CTO,CTE, EC ରେ ଥିବା ସମସ୍ତ ସର୍ତ୍ତାବଳୀ, ତତ୍ ସଂଲଗ୍ନ ସରକାର ଓ ଅଦାଲତ ଙ୍କ ଆଦେଶ କୁ ମାନିବାକୁ ବାଧ ହେବେ।

୧୬. ସର୍ବୋଚ୍ଚ ନିଲାମଧାରୀଙ୍କୁ ତାଙ୍କ ସପକ୍ଷରେ ଖଣି ମଞ୍ଜୁର ହୋଇଥିବା ବିଷୟ ଫର୍ମ F ରେ ସାତ ଦିନ ମଧ୍ୟରେ ଜଣାଇ ଦିଆଯିବ ।

୧୭. ମାଇନିଙ୍ଗ୍ ପ୍ଲାନରେ ଦର୍ଶାଯାଇଥିବା ବାର୍ଷିକ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ ର ପରିମାଣ ଅନୁଯାୟୀ ସମସ୍ତ ଦେୟ ଉକ୍ତ କାର୍ଯ୍ୟାଳୟରେ ପଇଠ କରିସାରିବା ପରେ ଲିଜ୍ ଧାରୀ ରେଜିଷ୍ଟ୍ରେଶନ ଆକ୍ଟ ୧୯୦୮ ଓ ୧୮୯୯ ଅନୁଯାଇ ଚୁକ୍ତି ପତ୍ର (Execution lease deed) Form-N ରେ ନିଜସ୍ୱ ଖର୍ଚ୍ଚ ରେ ସମ୍ପାଦନ କରିବା ବାଧତା ମୂଳକ ଅଟେ।

୧୮. Mining Plan ପ୍ରସ୍ତୁତି ଓ ପରିବେଶ ମଞ୍ଜୁରୀ (Environment Clearance) ପାଇଁ ଖର୍ଚ୍ଚ ହେଉଥିବା ଆବଶ୍ୟକୀୟ ଅର୍ଥ ଲିଜଧାରୀ ବହନ କରିବେ ।

୧୯. ଲିଜ୍ ରେ ଅଂଶ ଗ୍ରହଣ କରିବାକୁ ଇଚ୍ଛୁକ ବ୍ୟକ୍ତି ବିଶେଷଙ୍କ ଉତ୍ସର ପରିଦର୍ଶନ କରି ପରିଚାଳନା ପାଇଁ ଗମନାଗମନ ସୁବିଧା,ଗଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ। ଲିଜ୍ ନେବା ପରେ ସଇରାତ ଉତ୍ସ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ । ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

୨୦. ଯଦି ଏହି ବିଜ୍ଞାପନ ରେ ନିୟମ ଅନୁଯାଇ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ଏହାକୁ ସଂଶୋଧନ ତଥା ପରିବର୍ତ୍ତନ କରିବାର ଅଧିକାର ନିମ୍ନ ସ୍ୱାକ୍ଷରକାରୀଙ୍କ ର ରହିଛି । କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନଦର୍ଶାଇ ଲିଜ୍ କାର୍ଯ୍ୟ ବାତିଲ ବା ସ୍ଥଗିତ କରିପାରିବେ।

୨୧. ପୁନଶ୍ଚ ନିୟମାବଳୀ ଅନୁଯାଇ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି କୁ ବାଜ୍ୟାପ୍ତି କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ରହିଅଛି ।

୨୨. ଲିଜଧାରୀ ସଇରାତଉତ୍ସର ମାଇନିଙ୍ଗ ପ୍ଲାନ (Mining Plan) ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ (Pillars) ଦ୍ୱାରା ବାଡ ଦେଇ ସୀମା ସରହଦ ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ସୂଚନା ଫଳକ ( Display Board) ଲଗାଇବେ । ସେଥିରେ ସଇରାତ ଉତ୍ସ ର ନାମ,ତଫସିଲ ଜମିର ବିବରଣୀ (Land Schedule) ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ (Lease Period), ପରିବେଶ ମଞ୍ଜୁରୀ (Environmental Clearance), CTE & CTO ବାବଦରେ ଉଲ୍ଲେଖ କରିବେ । ଏହି ସବୁ କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୨୩. ଲିଜଧାରୀ ନିଜ ଖର୍ଚ୍ଚରେ ଆଞ୍ଚଳିକ ଅଧିକାରୀ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ,ବ୍ରହ୍ମପୁରଙ୍କ ଠାରୁ CTO,CTE ପ୍ରାପ୍ତ ପରେ ଖଣି ପରିଚାଳନା ପାଇଁ ଯୋଗ୍ୟ ହେବେ ।

୨୪. ଇଚ୍ଛୁକ ଦରଖାସ୍ତକାରୀ ଉପରୋକ୍ତ କାଗଜାତ ସହ ଦରଖାସ୍ତ ଯଉମୁଦଦିଆ (Sealed Cover) ଲଫାପାରେ Registrar Post/ Speed Post ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ । ତା ୧୨.୦୮.୨୦୨୨ରିଖ ଅପରାହ୍ନ ୩.୦୦ ଘଟିକା ସୁଦ୍ଧା ଦରଖାସ୍ତ ଗୁଡିକ ଉକ୍ତ କାର୍ଯ୍ୟାଳୟରେ ପହଞ୍ଚିବା ଆବଶ୍ୟକ ।ଉକ୍ତ ତା.୧୨.୦୮.୨୦୨୨ରିଖ ଅପରାହ୍ନ ୪.୦୦ ଘଟିକା ସମୟରେ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକ ଆବେଦନକାରୀ କିମ୍ବା ତାଙ୍କ ପ୍ରତିନିଧିଙ୍କ ସମ୍ମୁଖରେ ଖୋଲାଯିବ । ସମସ୍ତ ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୁଡାନ୍ତ କରାଯିବ ଏବଂ ଅସମ୍ପୁର୍ଣ୍ଣ ଦରଖାସ୍ତ କୁ ବାତିଲ କରାଯିବ । ଧାର୍ଯ୍ୟ ସମୟ ପରେ ପ୍ରାପ୍ତ ଓ ଅସଂମ୍ପୂର୍ଣ ଦରଖାସ୍ତ ଗୁଡିକ ବାତିଲ୍ କରାଯିବ । ଯଦି ଉକ୍ତ କଟାରିସାହି ବାଲି ଘାଟ ଏବଂ ଇର୍ପିଗୁଡା ପଥରଖଣି ନିମନ୍ତେ ଲଘୁ ଖଣିଜ ଉତ୍ସ ପାଇଁ ନିର୍ଦ୍ଧାରିତ ତାରିଖରେ ଆବେଦନ ପତ୍ର ମିଳିନଥିବ କିମ୍ବା ଲିଜ ଚୁଡାନ୍ତ ହୋଇନଥିବ ସେଥି ପାଇଁ ଦ୍ଵିତୀୟ ଓ ତୃତୀୟ ଥର ପାଇଁ ଯଥାକ୍ରମେ ତା. ୧୯.୦୮.୨୦୨୨ ରିଖ ଓ ତା ୨୬.୦୮.୨୦୨୨ ରିଖ ଅପରାହ୍ନ ୧.୦୦ ଘଟିକା ପର୍ଯ୍ୟନ୍ତ ଆବେଦନ ଦରଖାସ୍ତ ଗ୍ରହଣ କରାଯିବ ଏବଂ ଉକ୍ତ ଦିନ ଅପରାହ୍ନ ୩.୩୦ ଘଟିକା ସମୟରେ ପୂର୍ବମତେଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡ଼ାନ୍ତ ମନୋନୀତ କରାଯିବ ।

୨୫. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୨୬. ଉପରୋକ୍ତ ବର୍ଣ୍ଣିତମତେ ଲିଜ୍ ଧାରୀ ଓଡିଶା ଲଘୁ ଖଣିଜ ଦ୍ରବ୍ୟ (ରିହାତି) ନିୟମ 2016 ଓ OMMC (Amendment) Rules,2022 ରେ ଧାର୍ଯ୍ୟ ହୋଇଥିବା ସମସ୍ତ ପ୍ରକାର ଦେୟ ଯଥା ରୟାଲଟି, ଡେଡ ରେଣ୍ଟ, ସରଫେସ ରେଣ୍ଟ, ଅତିରିକ୍ତ ଚାର୍ଜ,ଡି. ଏମ.ଏଫ, ଇ. ଏମ.ଏଫ,,ଇନକମ ଟାକ୍ସ ପଇଠ କରିବେ ।

୨୭. ଚଳିତ ବର୍ଷର ଆୟକର ଦାଖଲ (Income Tax Return) ବିବରଣୀର ନକଲ ଓ GST Certificate ର ନକଲ ସଂଲଗ୍ନ କରିବେ ଏବଂ ପରିଚୟ ପାତ୍ର ଯଥା ରାସନ କାର୍ଡ, ଆଧାର କାର୍ଡ ର ନକଲ ସଂଲଗ୍ନ କରିବେ ।

୨୮. ଏକ କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ ଦରଖାସ୍ତ କାରୀ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ସ୍ୱଘୋଷିତ ଲିଖିତନାମା ଦାଖଲ କରିବେ ।

୨୯. ଏବଂ ଦରଖାସ୍ତକାରୀ ଲଫାପାର ଉପରିଭାଗରେ ବଡ ଅକ୍ଷରରେ କେଉଁ ସଇରାତ ଉତ୍ସ ନିମନ୍ତେ ଆବେଦନ କରୁଛନ୍ତି ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନଂ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ।

**ବିଦ୍ର.- ବାଲିଘାଟକୁ ସଂଯୋଗ କରୁଥିବା ଅସ୍ଥାୟୀ ରାସ୍ତାର ରକ୍ଷଣାବେକ୍ଷଣ କାର୍ଯ୍ୟ ସର୍ବୋଜନିଲାମଧାରୀ ନିଜସ୍ବ ଖର୍ଚ୍ଚରେ କରିବେ ।**

ତହସିଲଦାର, ବାଲିଗୁଡା

ସ୍ମାରକ ସଂଖ୍ୟା- ୨୬୩୮/ତାରିଖ ၃၁/୦୭/୨୦୨୨

ଏହାର ଏକକିତା ନକଲ ଜିଲ୍ଲାପାଳ, କନ୍ଧମାଳ,ଫୁଲବାଣୀ ଙ୍କ ସଦୟ ଅବଗତି ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାଲିଗୁଡା

ସ୍ମାରକ ସଂଖ୍ୟା- ୨୩୩୯/ତାରିଖ ୨୫/୦୩/୨୦୨୨.

ଏହାର ଏକକିତ। ନକଲ ଉପ-ଜିଲ୍ଲାପାଳ,ବାଲିଗୁଡା ଙ୍କ ସଦୟ ଅବଗତି ଓ ବିହିତ ପଦକ୍ଷେପ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବାଲିଗୁଡା

ତହସିଲଦାର, ବାଲିଗୁଡ଼ା

ସ୍ମାରକ ସଂଖ୍ୟା- ୨୩୪୦/ତାରିଖ ୨୬/୦୩/ ୨୦୨୨

ଏହାର ଏକକିତ। ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ,ବାଲିଗୁଡା/ କାର୍ଯ୍ୟନିର୍ବାହୀ ଅଧିକାରୀ,NAC,ବାଲିଗୁଡ଼ା / ସରପଞ୍ଚ, ସମସ୍ତ ଗ୍ରାମ ପଞ୍ଚାୟତ,ବାଲିଗୁଡା ବ୍ଲକ/ ସମସ୍ତ ରାଜସ୍ୱ ନିରୀକ୍ଷକ,ବାଲିଗୁଡା ତହସିଲଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ଅନୁରୋଧ କରାଗଲା କି ଏହାର ବହୁଳ ପ୍ରଚାର ନିମନ୍ତେ ସେମାନଙ୍କ କାର୍ଯ୍ୟାଳୟ ର ନୋଟିସ ବୋର୍ଡରେ ଏହା ପ୍ରଦର୍ଶନ କରିବାକୁ ବିହିତ ପଦକ୍ଷେପ ଗ୍ରହଣ କରିବେ।

ତହସିଲଦାର, ବାଲିଗୁଡା

ତହସିଲଦାର, ବାଲିଗୁଡ଼ା

ସ୍ମାରକ ସଂଖ୍ୟା- ୨୩୪୯ /ତାରିଖ ୨୪/୦୩/୨୦୨୨

ଏହାର ଏକକିତ। ନକଲ ବହୁଳ ପ୍ରଚାର ନିମନ୍ତେ D.I.O (N.I.C),କନ୍ଧମାଳ,ଫୁଲବାଣୀ ଙ୍କୁ ଜିଲ୍ଲା ୱେବସାଇଟ ରେ ଉତ୍ତୋଳନ କରିବାକୁ ପ୍ରେରଣ କରାଗଲା।

ତହସିଲଦାର, ବାଲିଗୁଡା

ତହସିଲଦାର, ବାଲିଗୁଡ଼ା

ANNEXURE-1

## ତହସିଲ ବାଲିଗୁଡା ଅଧୀନରେ ଥିବା ଲିଜ୍ ପାଇଁ ଉଦ୍ଦିଷ୍ଟ ଲଘୁ ଖଣିଜ ଖାଦାନର ବିବରଣୀ

| କ୍ର ନ. | ସୈରାତ କେସ ନମ୍ବର | ସୈରାତ ଉସର ନାମ | ମୌଜାର ନାମ | ଖାତା ନମ୍ବର | ପ୍ଲଟ ନ. | କିସମ | ରକବା (ହେକ୍ଟରରେ) | ଲଘୁ ଖଣିଜର ନାମ | ସର୍ବନିମ୍ନ ବାର୍ଷିକ ରୟାଲଟି ଦେୟ ପ୍ରତି ଘନ ମିଟର | ସର୍ବନିମ୍ନ ସ୍ଥିରିକୃତ ବାର୍ଷିକ ଅତିରିକ୍ତ ଦେୟ ପ୍ରତି ଘନ ମିଟର (In Rs) | ବର୍ଷକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ପ୍ରତି ଘନ ମିଟର | ଅମାନତ ଅ… ରାଶି ଯାହାକି ବ… ଡ୍ରାଫ୍ଟ ମାଧ୍ୟମ… ଦରଖାସ୍ତ… ପ୍ରଦାନ କରାଯିବ… |
|---|---|---|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ | ୧୧ | ୧୨ | ୧୩ |
| 1 | ୩/୨୦୨୧ | ଇର୍ପିଗୁଡା ପଥର ଖାଦାନ | ଇର୍ପିଗୁଡା | ୬୦ | ୩୪୩ | ପଥର ବଣି | ୧୨.୭୨୦ | ପଥର | ୧୩୦.୦୦ | ୯୦ | ୩୬୦୦ | ଟ ୩୯,୬୦୦ |
| 2 | ୧/୨୦୨୨ | କଟାରୀ ସାହୀ ବାଲିଘାଟ | ବାଲିଗୁଡା | ୭୭୧ | ୧୭୨୦<br>୧୮୦୦<br>୧୮୦୭<br>୩୪୯୯ | ନଦୀ | ୧.୬୪୦<br>୨.୫୬୦<br>୧.୬୨୦<br>୨.୧୫୨<br>୭.୯୭୨ | ବାଲି | ୩୫.୦୦ | ୬୦ | ୮୨୫୫ | ଟ ୩୯,୨୧୦ |

ଜୀବାନନ୍ଦ ପାତ୍ର 25/07/2022
ତହସିଲଦାର, ବାଲିଗୁଡା
ତହସିଲଦାର,
ବାଲିଗୁଡା